# NATIONAL NEWS BULLETIN (ODIA)
## 21st December - 2025
## Morning Bulletin : 7.15 a.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ଆସାମର ନାମରୂପ୍‌ରେ ୧୨ ହଜାର କୋଟି ଟଙ୍କାର ଆମୋନିଆ ୟୁରିଆ ସାର ପ୍ରକଳ୍ପର ଆଜି ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ ।

- ଗୁଣବତ୍ତା ସମ୍ପନ୍ନ ପ୍ରଶାସନ ଓ ପ୍ରତିଷ୍ଠାନ ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବେ, କହିଲେ ଉପରାଷ୍ଟ୍ରପତି ।

- ବିକଶିତ ଭାରତ ଜି. ରାମ ଜି. ବିଲ୍ କୃଷି ଓ କୃଷକଙ୍କ ସମେତ ଗ୍ରାମୀଣ ବିକାଶ କ୍ଷେତ୍ରରେ ସହାୟକ ହେବ ବୋଲି କେନ୍ଦ୍ର କୃଷିମନ୍ତ୍ରୀଙ୍କ ଦୃଢ଼ୋକ୍ତି ।

- ବିଶ୍ୱରେ ସୁସ୍ଥତା, ଶାନ୍ତି ଓ ଉତ୍ତମ ମାନସିକତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି ପାଳିତ ହେଉଛି ଦ୍ୱିତୀୟ ବିଶ୍ୱ ଧ୍ୟାନ ଦିବସ ।

ଏବଂ

- ୧୯ ବର୍ଷରୁ କମ୍ ପୁରୁଷ ଏସିଆ କପ୍ ଫାଇନାଲ୍‌ରେ ଆଜି ଅନୁଷ୍ଠିତ ହେବ ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ।

## ପି.ଏମ୍. - ଆସାମ ଭିଜିଟ୍

ଆସାମର ନାମରୁପ୍‌ରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୨ ହଜାର କୋଟି ଟଙ୍କାର ଆମୋନିଆ ୟୁରିଆ ସାର ପ୍ରକଳ୍ପର ଶିଳାନ୍ୟାସ କରିବେ । ସେଠାରେ ଏକ ଜନସମାବେଶକୁ ସେ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି । ଆସାମ ଗସ୍ତର ଆଜି ଦ୍ୱିତୀୟ ଦିନରେ ଶ୍ରୀ ମୋଦି ବ୍ରହ୍ମପୁତ୍ର ନଦୀରେ ଏକ କ୍ରୁଜ୍ ଜାହାଜର ଯାତ୍ରା କରିବା ସମୟରେ ପରୀକ୍ଷା ପେ ଚର୍ଚ୍ଚାରେ ଭାଗ ନେଇଥିବା ୨୫ ଜଣ ଛାତ୍ରଛାତ୍ରୀଙ୍କ ସହ ବାର୍ତ୍ତାଳାପ କରିବେ । ପରେ ପ୍ରଧାନମନ୍ତ୍ରୀ ପଶ୍ଚିମ ବୋରାଗାଓଁରେ ଆସାମ ଆନ୍ଦୋଳନରେ ସହିଦ ହୋଇଥିବା ୮୬୦ ଜଣ ଯବାନଙ୍କ ସ୍ମୃତିରେ ନିର୍ମିତ ସ୍ୱାହିଦ୍ ସ୍ମାରକ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।

ଗତକାଲି ପ୍ରଧାନମନ୍ତ୍ରୀ ଆସାମ ଗସ୍ତର ପ୍ରଥମ ଦିନରେ ଗୁଆହାଟୀଠାରେ ଗୋପୀନାଥ ବୋଡ଼ୋଲୋଇ ଅନ୍ତର୍ଜାତୀୟ ବିମାନ ବନ୍ଦରର ଅତ୍ୟାଧୁନିକ ବାଉଁଶ ଅର୍କିଡ୍ ଟର୍ମିନାଲ କୋଠାର ଉଦ୍‌ଘାଟନ କରିଥିଲେ । ସେଠାରେ ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ବୋଡୋଲୋଇଙ୍କର ଏକ ୮୦ ଫୁଟ ଉଚ୍ଚ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ । ସମ୍ପୃକ୍ତ ବିମାନ ବନ୍ଦରର ନୂଆ ଟର୍ମିନାଲ୍ ୧

ଦଶମିକ ୪ ଲକ୍ଷ ବର୍ଗମିଟରର ଅଞ୍ଚଳରେ ନିର୍ମିତ ହୋଇଥିବାବେଳେ ଏହା ବାର୍ଷିକ ୧ କୋଟି ୩୦ ଲକ୍ଷ ଯାତ୍ରୀ ପରିଚାଳନା କରିବାର ଦକ୍ଷତା ରଖିଛି । ସେଠାରେ ଏକ ଜନସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, କେନ୍ଦ୍ର ସରକାର ଆସାମର ବିକାଶ ଲାଗି ପ୍ରତିବଦ୍ଧ ଅଛନ୍ତି । ସେ କହିଛନ୍ତି, ଗତ ୧୧ ବର୍ଷରେ ଆସାମରେ ଅନେକଗୁଡ଼ିଏ ବୃହତ ଐତିହାସିକ ପ୍ରକଳ୍ପ ନିର୍ମାଣ କରାଯାଇଛି ।

***Voice (Assam 11 years)*** :.......

## ଭାଇସ୍ ପ୍ରେସିଡେଣ୍ଟ – ପି.ଏସ୍.ସି.

ପ୍ରଶାସନିକ ସେବା କ୍ଷେତ୍ରରେ ଗୁଣବତ୍ତା’ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ କହିଛନ୍ତି । ହାଇଦ୍ରାବାଦରେ ଅନୁଷ୍ଠିତ ଦୁଇଦିନିଆ ରାଜ୍ୟ ଲୋକସେବା ଆୟୋଗ ଅଧ୍ୟକ୍ଷମାନଙ୍କ ସମ୍ମିଳନୀର ଉଦ୍‌ଯାପନୀ ଦିବସରେ ଅଧ୍ୟକ୍ଷତା କରି ଉପରାଷ୍ଟ୍ରପତି କହିଛନ୍ତି, ଦେଶ ବିକଶିତ ଭାରତ ଲକ୍ଷ୍ୟ ପୂରଣ ଆଡ଼କୁ ଅଗ୍ରସର ହେଉଥିବାବେଳେ ଗୁଣବତ୍ତାସମ୍ପନ୍ନ ପ୍ରଶାସନ ଏବଂ ସମ୍ପୃକ୍ତ ଅନୁଷ୍ଠାନଗୁଡ଼ିକୁ ଚଳାଉଥିବା ବ୍ୟକ୍ତିବିଶେଷଙ୍କ ଭୂମିକା ଗୁରୁତ୍ୱ ବହନ କରୁଛି ।

ପ୍ରତିଭା ସେତୁର ଉଦାହରଣ ଦେଇ ଉପରାଷ୍ଟ୍ରପତି କହିଛନ୍ତି, ସଠିକ୍ ବ୍ୟକ୍ତିଙ୍କୁ ସଠିକ୍ ଭୂମିକାରେ ନିୟୋଜିତ କରିବା ଲାଗି ଏହି ବ୍ୟବସ୍ଥା ଫଳପ୍ରଦ ସାବ୍ୟସ୍ତ ହୋଇଛି । ସମ୍ମିଳନୀରେ ତେଲଙ୍ଗାନା ଉପମୁଖ୍ୟମନ୍ତ୍ରୀ ଏମ୍. ଭଟ୍ଟି ବିକ୍ରମାର୍କା ବାର୍ଷିକ ପ୍ରତିଯୋଗିତାମୂଳକ ପରୀକ୍ଷା ଲାଗି ଏକ କ୍ୟାଲେଣ୍ଡାର ପ୍ରସ୍ତୁତି ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ଆଜି ସକାଳେ ଉପରାଷ୍ଟ୍ରପତି ନନ୍ଦିଗାମର କାହ୍ନାଶାନ୍ତି ବନମ୍‌ର ହାର୍ଟଫୁଲ୍‌ନେସ୍ ଗ୍ଲୋବାଲ୍ ମୁଖ୍ୟାଳୟରେ ବିଶ୍ୱ ଧ୍ୟାନ ଦିବସ ସମାରେରେ ମୁଖ୍ୟ ଅତିଥି ଭାବରେ ଯୋଗଦେବେ । ପରେ, ଅଟଳ ଫାଉଣ୍ଡେସନ୍ ଦ୍ୱାରା ଆୟୋଜିତ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ସମାରୋହରେ ଯୋଗଦେବା ପାଇଁ ଉପରାଷ୍ଟ୍ରପତି ମଧ୍ୟପ୍ରଦେଶର ଇନ୍ଦୋର ଗସ୍ତ କରିବେ ।

## ସି.ଜେ.ଆଇ. - ଲାଙ୍ଗୁଏଜେସ୍

ଭାରତର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ କହିଛନ୍ତି, ସମସ୍ତ ସାମ୍ବିଧାନିକ ପ୍ରତିଷ୍ଠାନ ଜନସାଧାରଣଙ୍କୁ ସେମାନଙ୍କୁ ନିଜ ଭାଷାରେ ନ୍ୟାୟାଳୟର ନିର୍ଦ୍ଦେଶଗୁଡ଼ିକୁ ଉପଲବ୍ଧ କରାଇବାପାଇଁ କାର୍ଯ୍ୟ କରିବା ଆବଶ୍ୟକ । ଗତକାଲି ଉତ୍ତର ପ୍ରଦେଶରେ ଆୟୋଜିତ ହିନ୍ଦୀ ସେବା ନିଧି ଟ୍ରଷ୍ଟର ୩୩ତମ ବାର୍ଷିକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବା ଅବସରରେ ଜଷ୍ଟିସ୍ ସୂର୍ଯ୍ୟ କାନ୍ତ କହିଛନ୍ତି, ଭାଷା ସହ ଜଡ଼ିତ ସାମ୍ବିଧାନିକ ବ୍ୟବସ୍ଥା

ଅନୁଯାୟୀ ସାରା ଦେଶରେ ଏହା ଲାଗୁ କରାଯିବାର ଆବଶ୍ୟକତା ରହିଛି । ସେ କହିଛନ୍ତି, ସାମ୍ବିଧାନିକ ଏବଂ ଆଇନଗତ ବ୍ୟବସ୍ଥା ଅନୁଯାୟୀ ଭାଷାଗତ ବ୍ୟବଧାନକୁ ପୂରଣ କରିବା ଲାଗି ବହୁ ପୂର୍ବରୁ ପଦକ୍ଷେପ ଗ୍ରହଣ କରାଯାଇଛି । ସେ କହିଛନ୍ତି, ସୁପ୍ରିମ୍‌କୋର୍ଟଙ୍କ ରାୟକୁ ୧୬ଟି ଭାଷାରେ ଅନୁବାଦ କରିବା ଆରମ୍ଭ ହୋଇଛି ଏବଂ ଦେଶର ଯେକୌଣସି ନାଗରିକ ସେମାନଙ୍କ ରାଜ୍ୟର ଭାଷାରେ ଏହାର ଅନୁବାଦିତ କପି ପଢ଼ିପାରିବେ ।

## ଶିବରାଜ ଆୱାର୍ଡ଼ ଆଡ୍ରେସ୍

ବିକଶିତ ଭାରତ ଜି.ରାମ୍.ଜି. ବିଲ୍ ଚାଷୀ ଏବଂ ଚାଷ ଉପରେ ନିର୍ଭରଶୀଳ ଲୋକଙ୍କୁ କେବଳ ସୁଫଳ ପ୍ରଦାନ କରିବ ନାହିଁ; ବରଂ ବିଭିନ୍ନ ଦୃଷ୍ଟିକୋଣରୁ ଗ୍ରାମୀଣ ବିକାଶ କ୍ଷେତ୍ରରେ ସହାୟକ ହେବ ବୋଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି । ଗତକାଲି ନୂଆଦିଲ୍ଲୀରେ ଚୌଧୁରୀ ଚରଣ ସିଂହ ପୁରସ୍କାର ୨୦୨୫ ସମାରୋହରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି, ଆସନ୍ତା ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍ ପ୍ରସ୍ତୁତିରେ କୃଷି କ୍ଷେତ୍ର ପାଇଁ ଏକ ନିରନ୍ତର ବ୍ୟବସ୍ଥା ଗଠନ ଲକ୍ଷ୍ୟରେ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଆହ୍ୱାନ କରାଯାଇଛି । ସରକାରୀ ଯୋଜନାଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ପାଇଁ ଚାଷୀ,

ବିଶେଷଜ୍ଞ ଏବଂ କୃଷି ବୈଜ୍ଞାନିକଙ୍କ ସମନ୍ୱୟ ମାଧ୍ୟମରେ ଚିନ୍ତନ ଶିବିର ଆୟୋଜନ ଉପରେ ମନ୍ତ୍ରୀ ଶ୍ରୀ ଚୌହାନ ଆଲୋକପାତ କରିଛନ୍ତି ।

***Voice (Chouhan)*** :............

## ମିଟି - ହ୍ୱାଟ୍ସ୍ଆପ ହାଇଜାକ୍

କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ ପକ୍ଷରୁ ହ୍ୱାଟ୍ସ୍ଆପ ଆକାଉଣ୍ଟ ହାଇଜାକ୍ କରିବା ଲାଗି ଘୋଷ୍ଟପ୍ୟାରିଙ୍ଗ୍ ନାମକ ସାଇବର ଅଭିଯାନ ଚାଲିଥିବା କୁହାଯାଇଛି । ମନ୍ତ୍ରଣାଳୟ କହିଛି, ଏହା ଜରିଆରେ ସାଇବର ଅପରାଧୀମାନେ ହ୍ୱାଟ୍ସ୍ଆପ୍‌ର ଡିଭାଇସ୍ ଲିଙ୍କିଙ୍ଗ୍ ଜରିଆରେ ଆକାଉଣ୍ଟ ହ୍ୟାକ୍ କରିବା ସହ ସମସ୍ତ ତଥ୍ୟ ହାସଲ କରିପାରୁଛନ୍ତି । ଏଥିରେ ଅପରାଧୀମାନେ ପଠାଇଥିବା କୌଣସି ବାର୍ତ୍ତା କିମ୍ବା ଫଟୋକୁ ଖୋଲିବାମାତ୍ରେ ସମ୍ପୃକ୍ତ ଆକାଉଣ୍ଟ୍ ହ୍ୟାକ୍ ହୋଇଥାଏ । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଘୋଷ୍ଟ ପ୍ୟାରିଙ୍ଗ୍ ଜରିଆରେ କୌଣସି ପାସ୍‌ୱାର୍ଡ଼ ବ୍ୟବହାର ନ କରି ସାଇବର ଅପରାଧୀ ହ୍ୱାଟ୍ସ୍ଆପ୍ ଆକାଉଣ୍ଟ୍‌ର ପରିଚାଳନା କ୍ଷମତା ହାସଲ କରିଥାଏ । ମନ୍ତ୍ରଣାଳୟ ପକ୍ଷରୁ ଏନେଇ ସତର୍କତାସ୍ୱରୂପ ମୋବାଇଲ୍ ଉପଭୋକ୍ତାମାନଙ୍କୁ କୌଣସି ସନ୍ଦେହଜନକ ଲିଙ୍କ୍ ନ ଖୋଲିବା ଏବଂ କୌଣସି ୱେବ୍‌ସାଇଟ୍‌ରେ ନିଜର ମୋବାଇଲ୍ ନମ୍ବର ନ ଦେବା ଲାଗି ପରାମର୍ଶ ଦିଆଯାଇଛି ।

# ୱାର୍ଲଡ ମେଡିଟେସନ ଡେ

ବିଶ୍ୱରେ ସୁସ୍ଥତା, ଶାନ୍ତି ଏବଂ ଉତ୍ତମ ମାନସିକତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି ଦ୍ୱିତୀୟ ବିଶ୍ୱ ଧାନ ଦିବସ ପାଳନ କରାଯାଉଛି। ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି **ବିଶ୍ୱ ଶାନ୍ତି ଏବଂ ସମନ୍ୱୟପାଇଁ ଧାନ।** ଗତବର୍ଷ ଜାତିସଂଘ ସାଧାରଣ ସଭାରେ ସର୍ବସମ୍ମତିକ୍ରମେ ଭାରତର ମିଳିତ ପ୍ରୟାସରେ ଡିସେମ୍ବର ୨୧ ତାରିଖକୁ ବିଶ୍ୱ ଧ୍ୟାନ ଦିବସ ଭାବେ ଘୋଷଣା କରିବାକୁ ସଂକଳ୍ପ ଗୃହୀତ ହୋଇଥିଲା ।

ଏହି ଅବସରରେ ପ୍ରଖ୍ୟାତ ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ରବିଶଙ୍କର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଏବଂ ସାମଗ୍ରିକ  ସୁସ୍ଥତା ପାଇଁ ନିଉୟର୍କସ୍ଥିତ ଜାତିସଂଘ ମୁଖ୍ୟାଳୟରେ ଏକ ଧାନ ଅଧିବେଶନର ନେତୃତ୍ୱ ନେଇଥିଲେ । କାର୍ଯ୍ୟକ୍ରମରେ ଯୁଦ୍ଧକ୍ଷେତ୍ରରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଦେଇଥିବା ନୀତିବାଣୀକୁ ମନେପକାଇ ଶ୍ରୀଶ୍ରୀ ରବିଶଙ୍କର କହିଛନ୍ତି, ଆଜିର ସମାଜ ମଣିଷପାଇଁ ଯୁଦ୍ଧକ୍ଷେତ୍ରରୁ କୌଣସି ଗୁଣରେ କମ୍ ନୁହେଁ । ସେ କହିଛନ୍ତି, ୟୁକ୍ରେନ୍‌ରେ ଯେଉଁ ୮ ହଜାର ସୈନିକ ଅନ୍ଧକାର ଏବଂ ହତାଶା ମଧ୍ୟରେ ଜୀବନ ବିତାଇଥିଲେ, ସେମାନେ ଧାନର ମାର୍ଗ ଅନୁସରଣ କରି ଶାନ୍ତି ଅନୁଭବ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭାରତ ଆଣ୍ଡୋରା, ମେକ୍ସିକୋ, ନେପାଳ ଓ ଶ୍ରୀଲଙ୍କାଦ୍ୱାରା ଆୟୋଜନ କରାଯାଇଥିଲା ।

## ତେଲଙ୍ଗାନ - ରିଜିଲିୟସ୍ ହାଟ୍ରେଡ୍

ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀ ଘୋଷଣା କରିଛନ୍ତି, କୌଣସି ଧର୍ମ କିମ୍ବା ସମ୍ପ୍ରଦାୟ ବିରୋଧରେ ବିଦ୍ୱେଷଭାବ ପୋଷଣ କରୁଥିବା ଭାଷଣକୁ ରୋକିବାପାଇଁ ନୂତନ ଆଇନ ପ୍ରଣୟନ କରାଯିବ । ଏଥିରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଉତ୍ତେଜନାମୂଳକ କାର୍ଯ୍ୟକୁ ଅନ୍ତର୍ଭୁକ୍ତ କରାଯିବ ବୋଲି ସେ କହିଛନ୍ତି । ଆସନ୍ତା ବଜେଟ୍ ଅଧିବେଶନରେ ଏ ସମ୍ପର୍କିତ ବିଧେୟକ ବିଧାନସଭାରେ ଉପସ୍ଥାପନ କରାଯିବ । ଗତକାଲି ସନ୍ଧ୍ୟାରେ ଖ୍ରୀଷ୍ଟ୍‌ମାସ ଉତ୍ସବରେ ଉଦ୍‌ବୋଧନ ଦେବା ଅବସରରେ ଶ୍ରୀ ରେଡ୍ଡୀ କହିଛନ୍ତି, ଧାର୍ମିକ ବିଦ୍ୱେଷଭାବକୁ ରୋକିବାପାଇଁ ତାଙ୍କ ସରକାର ଧ୍ୟାନ ଦେଉଛନ୍ତି । ଅନ୍ୟ ଧର୍ମକୁ ଅପମାନିତ କରୁଥିବା ଅପରାଧୀଙ୍କୁ କଠୋର ଦଣ୍ଡ ନିଶ୍ଚିତ କରିବାପାଇଁ ମଧ୍ୟ ପ୍ରଚଳିତ ଆଇନରେ ସଂଶୋଧନ କରାଯିବ ବୋଲି ସେ କହିଛନ୍ତି ।

## କ୍ରିକେଟ୍ - ୟୁ୧୯ ଏସିଆ କପ୍

୧୯ ବର୍ଷରୁ କମ୍ ଏ.ସି.ସି. ପୁରୁଷ ଏସିଆ କପ୍-୨୦୨୫ର ଆଜି ଫାଇନାଲ୍‌ରେ ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ଦୁବାଇର ଆଇ.ସି.ସି. ଏକାଡେମୀ ଗ୍ରାଉଣ୍ଡରେ ଭାରତୀୟ ସମୟ ସକାଳ ୧୦ଟା ୩୦ ମିନିଟ୍‌ରେ ମ୍ୟାଚ୍ ଖେଳାଯିବ । ଆୟୁଷ ମାହାତ୍ରେଙ୍କ ନେତୃତ୍ୱରେ ଭାରତୀୟ ଦଳ ବିଜୟ ହାସଲ ଲାଗି ଉଦ୍ୟମ କରିବେ । ପୂର୍ବରୁ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ ପାକିସ୍ତାନକୁ ପରାସ୍ତ କରିଥିଲା । ସେମିଫାଇନାଲ୍‌ରେ ଭାରତ ଶ୍ରୀଲଙ୍କାକୁ ୮ ୱିକେଟ୍‌ରେ ପରାସ୍ତ କରି ଫାଇନାଲ୍‌କୁ ଉନ୍ନୀତ ହୋଇଥିବାବେଳେ ପାକିସ୍ତାନ ବାଂଲାଦେଶକୁ ପରାସ୍ତ କରି ଫାଇନାଲ୍‌ରେ ପହଞ୍ଚିଥିଲା ।

## ବ୍ୟାଡ୍‌ମିଣ୍ଟନ୍

ବ୍ୟାଡ୍‌ମିଣ୍ଟନ୍‌ରେ ଭାରତୀୟ ଯୋଡ଼ି ସାତ୍ୱିକ୍ ସାଇରାଜ ରାଙ୍କିରେଡ୍ଡି ଏବଂ ଚିରାଗ ସେଟ୍ଟି ବି.ଡବ୍ଲ୍ୟୁ.ଏଫ୍. ୱାର୍ଲଡ ଟୁର୍ ଫାଇନାଲ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଗତ ସନ୍ଧ୍ୟାରେ ଚୀନ୍‌ର ହାଙ୍ଗ୍ ଝୁ'ଠାରେ ଅନୁଷ୍ଠିତ ସେମିଫାଇନାଲ୍‌ରେ ଭାରତ ୧୦-୨୧, ୨୧-୧୭ ଓ ୨୧-୧୩ ସେଟ୍‌ରେ ଚୀନ୍ ଯୋଡ଼ିଙ୍କୁ ପରାସ୍ତ କରିଥିଲା ।

# ୱିମେନ୍ସ କ୍ରିକେଟ୍

ମହିଳା କ୍ରିକେଟ୍‌ରେ ୫ ମ୍ୟାଚ୍ ବିଶିଷ୍ଟ ଅନ୍ତର୍ଜାତୀୟ ଟି-ଟ୍ୱେଣ୍ଟି ସିରିଜ୍‌ର ଆଜି ପ୍ରଥମ ମ୍ୟାଚ୍ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ହେବ । ବିଶାଖାପାଟ୍ଟନମର ଡକ୍ଟର ୱାଇ.ଏସ୍. ରାଜଶେଖର ରେଡ୍ଡୀ ଷ୍ଟାଡିୟମ୍‌ରେ ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ମ୍ୟାଚ୍ ଆରମ୍ଭ ହେବ । ହର୍ମନ ପ୍ରୀତ କୌରଙ୍କ ନେତୃତ୍ୱରେ ଭାରତ ଶ୍ରୀଲଙ୍କା ବିପକ୍ଷରେ ୫ଟି ଟି-ଟ୍ୱେଣ୍ଟି ମ୍ୟାଚ୍ ଖେଳିବ । ପ୍ରଥମ ଦୁଇଟି ମ୍ୟାଚ୍ ବିଶାଖାପଟ୍ଟନମ୍‌ରେ ଓ ଅନ୍ୟ ୩ଟି ମ୍ୟାଚ୍ ତିରୁବନନ୍ତପୁରମ୍‌ରେ ଖେଳାଯିବ ।

*****